# NATIONAL NEWS BULLETIN (ODIA)

## 8 May - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ବିଧାୟକ ଦଳର ନେତା ଚୟନ କରିବା ଲାଗି ଆଜି ଅନୁଷ୍ଠିତ ହେବ ନବନିର୍ବାଚିତ ବିଧାୟକ ଦଳ ବୈଠକ; ଅଧ୍ୟକ୍ଷତା କରିବେ ଦଳର ବରିଷ୍ଠ ନେତା ଅମିତ ଶାହା ।
- ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଦାୟିତ୍ୱ ସମ୍ପନ୍ନ ବ୍ୟବହାର ନେଇ ଇଣ୍ଡିଆ ଏ.ଆଇ. ଓ ଆଇ.ସି.ଏମ୍.ଆର୍. ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ଆମେରିକାର ସାମରିକ ବ୍ୟବହାର ପାଇଁ ନିଜର ଘାଟି ଏବଂ ଆକାଶ ସୀମାକୁ ବନ୍ଦ ରଖିଲା ସାଉଦି ଆରବ ।
- ଭାରତ ଓ ଭିଏତନାମ ମଧ୍ୟରେ ରଣନୈତିକ ସହଯୋଗ ବୃଦ୍ଧି ନେଇ ହେଉଛି ଆଲୋଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୯ ରନ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ।

– ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ।

## ଡବ୍ଲ୍ୟୁବି-ଅମିତ ଶାହା

ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ହାସଲ କରିବା ପରେ ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କୋଲକାତାରେ ବିଜେପି ବିଧାୟକମାନଙ୍କ ସହିତ ଏକ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକରେ ବିଧାୟକ ଦଳର ନେତା ଚୟନ କରାଯିବ ।

ପଶ୍ଚିମବଙ୍ଗ ରାଜ୍ୟପାଳ ଆର.ଏନ. ରବି ପଶ୍ଚିମବଙ୍ଗ ବିଧାନସଭାକୁ ଭଙ୍ଗ କରିଛନ୍ତି । ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ଆସନ୍ତାକାଲି କବିଗୁରୁ ରବିନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀରେ ଶପଥ ଗ୍ରହଣ କରିବେ ।

ସୂଚନା ଅନୁଯାୟୀ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଶପଥ ଗ୍ରହଣ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି । ଆବଶ୍ୟକୀୟ ପ୍ରଶାସନିକ ବୈଠକ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବିଜେପିର ବରିଷ୍ଠ ନେତା ଏବଂ ଅନ୍ୟାନ୍ୟ ରାଜ୍ୟର

ମୁଖ୍ୟମନ୍ତ୍ରୀମାନେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଏମ୍‌ଓୟୁ-ଇଣ୍ଡିଆ ଏଆଇ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାରକୁ ଅଧିକ ଦାୟିତ୍ୱ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ଇଣ୍ଡିଆ ଏ.ଆଇ. ଏବଂ ଭାରତୀୟ ଭେଷଜ ଗବେଷଣା ପରିଷଦ ଆଇ.ସି.ଏମ୍.ଆର୍. ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, କୃତ୍ରିମ ବୁଦ୍ଧିମତ୍ତାର ଦାୟିତ୍ୱପୂର୍ଣ୍ଣ ଏବଂ ଆବଶ୍ୟକତା ଅନୁଯାୟୀ ପ୍ରୟୋଗ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପରିସର ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ସହଯୋଗ ଅଧୀନରେ ଇଣ୍ଡିଆ ଏ.ଆଇ. ଏବଂ ଆଇ.ସି.ଏମ୍.ଆର୍. ବାୟୋମେଡିକାଲ୍ ଗବେଷଣା କ୍ଷେତ୍ରରେ ତଥ୍ୟ ଆଦାନପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

## ୱେଷ୍ଟ ଏସିଆ

ସାଉଦି ଆରବ ନିଜର ଘାଟି ଏବଂ ଆକାଶ ସୀମାକୁ ଆମେରିକୀୟ ସାମରିକ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିନାହିଁ। ଫଳରେ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟତ କରୁଥିବା ଜାହାଜଗୁଡ଼ିକୁ ସୁରକ୍ଷା ଦେବା ଯୋଜନାକୁ ପରିତ୍ୟାଗ କରିଛନ୍ତି । ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରୋଜେକ୍ଟ ଫ୍ରିଡମ୍ ଅଭିଯାନ ବାଧାପ୍ରାପ୍ତ ହୋଇଛି । ଶ୍ରୀ ଟ୍ରମ୍ପ ଇରାନ ସହିତ ସାମ୍ପ୍ରତିକ ଆଲୋଚନାକୁ ବହୁତ ଭଲ ବୋଲି ବର୍ଣ୍ଣନା କରି କୂଟନୀତି ଉପରେ ଧ୍ୟାନ ଦେଇଛନ୍ତି ଏବଂ କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ଥାୟୀ ଚୁକ୍ତି ସମ୍ଭବ ହୋଇପାରିବ।

ଇରାନ ଏବେ ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକାର ୧୪-ସୂତ୍ରୀ ପ୍ରସ୍ତାବର ସମୀକ୍ଷା କରୁଛି । ତେହେରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଆଲୋଚନା ଏବଂ କୂଟନୀତି ପାଇଁ ଆହ୍ୱାନ ଦେଇଛନ୍ତି। ଇରାନର ପରମାଣୁ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ପରବର୍ତ୍ତୀ ଆଲୋଚନା କରାଯିବା ବୋଲି କୁହାଯାଇଛି । ୱାଶିଂଟନ ପକ୍ଷରୁ ଇରାନର ମତାମତକୁ ଅପେକ୍ଷା କରାଯାଇଛି ।

ଆମେରିକା ମଧ୍ୟସ୍ଥତାରେ ଗତ ମାସ ୧୭ ତାରିଖରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ଇସ୍ରାଏଲ ବୁଧବାର ଦିନ ବେରୁତର ଦକ୍ଷିଣ ଉପନଗରରେ ବୋମା ମାଡ଼ କରି ଲେବାନନର ରାଜଧାନୀ ଉପରେ ପ୍ରଥମ ଆକ୍ରମଣ କରିଛି। ଦକ୍ଷିଣ ଲେବାନନରେ, ହାରୁଫ ସହରରେ ଇସ୍ରାଏଲର ଏକ ବିମାନ ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ତିନି ଜଣ ଆହତ ହୋଇଛନ୍ତି । ଇସ୍ରାଏଲର ଆକ୍ରମଣରେ ଏକ

ମସଜିଦକୁ କ୍ଷତିଗ୍ରସ୍ତ ହେବା ସହ ଜଣଙ୍କର ମୃତ୍ୟୁ ଘଟିଛି । ଯୁଦ୍ଧବିରତି ଆରମ୍ଭ ହେବା ପରଠାରୁ ୨୨୦ ରୁ ଅଧିକ ହିଜବୋଲା ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ଇଣ୍ଡିଆ-ଟ୍ରାଇଲେଟରାଲ୍ ମିଟିଂ

ଆବୁଧାବିରେ ଭାରତ, ଫ୍ରାନ୍ସ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରୀ, ସଂଯୁକ୍ତ ଆରବ ଏମିରେଟ୍ସ ଆନ୍ତର୍ଜାତୀୟ ସହଯୋଗ ରାଷ୍ଟ୍ରମନ୍ତ୍ରୀ  ରିମ୍ ଅଲ୍ ହାସିମି ଏବଂ ଫ୍ରାନ୍ସର ୟୁରୋପ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଜେନେରାଲ ମାର୍ଟିନ୍ ବ୍ରିଏନ୍ସ ବୈଠକରେ ଅଂଶଗ୍ରହଣ କରିଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ତିନି ଦେଶ ସେମାନଙ୍କର ସହଭାଗୀତାକୁ ସୁଦୃଢ଼ କରିବା ଏବଂ ସ୍ୱଷ୍ଟ ସମୟସୀମା ସହିତ ଏକ ରୋଡମ୍ୟାପ୍ ଉପରେ କାମ କରିବାକୁ ସହମତ ହୋଇଛନ୍ତି। ଗସ୍ତ ସମୟରେ, ଶ୍ରୀ ମିଶ୍ରୀ ନିବେଶ ସହଯୋଗ ବିଷୟରେ ଆଲୋଚନା କରିବାକୁ ମୁବାଦଲା ନିବେଶ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଖାଲଦୁନ୍ ଅଲ୍ ମୁବାରକଙ୍କୁ ମଧ୍ୟ ଭେଟିଥିଲେ।

ଗତକାଲି ବୈଦେଶିକ ସଚିବ ଭାରତ-ୟୁଏଇ ରଣନୈତିକ ସହଭାଗୀତା ସମୀକ୍ଷା କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଆନ୍ତର୍ଜାତୀୟ ସହଯୋଗ ରାଷ୍ଟ୍ରମନ୍ତ୍ରୀ ରିମ୍ ଅଲ୍ ହାସିମିଙ୍କ ସହିତ ଆଲୋଚନା କରିଥିଲେ। ଉଭୟ ପକ୍ଷ ବାଣିଜ୍ୟ, ନିବେଶ, ଶକ୍ତି, ପ୍ରତିରକ୍ଷା, ଫିନଟେକ୍, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଏବଂ ଲୋକ ସମ୍ପର୍କରେ ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ସେମାନେ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ନୂତନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଚର୍ଚ୍ଚା କରିଥିବା ଜଣାପଡ଼ିଛି ।

ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚଳିତବର୍ଷ ଜାନୁଆରୀରେ ୟୁଏଇର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କ ଭାରତ ଗସ୍ତ ଏବଂ ଫେବୃଆରୀରେ ଆବୁଧାବିର ଯୁବରାଜ ଶେଖ ଖାଲେଦ ବିନ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କ ଗସ୍ତ ସମୟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ହୋଇଥିବା ଅଗ୍ରଗତି ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

## ଜିତେନ୍ଦ୍ର-ଇଣ୍ଡିଆ-ଭିଏତନାମ

ଭାରତ ଏବଂ ଭିଏତନାମ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଗବେଷଣା ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ସହଯୋଗକୁ ଆହୁରି ଘନିଷ୍ଠ

କରିବା ପାଇଁ ଆଲୋଚନା ହୋଇଛି । କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଗତକାଲି ନୂଆଦିଲ୍ଲୀରେ ତାଙ୍କର ଭିଏତନାମ ପ୍ରତିପକ୍ଷ ଡକ୍ଟର ଭୁ ହାଇ କ୍ୱାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଆଲୋଚନା ସମୟରେ, ଉଭୟ ପକ୍ଷ କୃତ୍ରିମ ବୁଦ୍ଧିମତ୍ତା ମିଶନ, ସାଇବର ସୁରକ୍ଷା ଢାଞ୍ଚା, ନବସୃଜନ ଇକୋସିଷ୍ଟମ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପଦକ୍ଷେପରେ ସହଯୋଗ ଉପରେ ମତ ବିନିମୟ କରିଥିଲେ। ବୈଠକରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଶୈକ୍ଷିକ ଏବଂ ସାଂସ୍ଥାଗତ ସମ୍ପର୍କର ସମୀକ୍ଷା କରାଯାଇଥିଲା । ଡକ୍ଟର ସିଂହ କହିଛନ୍ତି ଯେ ଗତ ଦଶନ୍ଧି ମଧ୍ୟରେ ଦୁଇ ଦେଶ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗୀତା ନୂତନ ଗତି ହାସଲ କରିଛି। ସେ କହିଛନ୍ତି ଯେ ଭିଏତନାମରୁ ପ୍ରାୟ ଦଶ ଜଣ ଗବେଷକ ଭାରତ-ଆସିଆନ୍ ଗବେଷଣା ଏବଂ ତାଲିମ ଫେଲୋସିପ୍ କାର୍ଯ୍ୟକ୍ରମ ଅଧୀନରେ ଫେଲୋସିପ୍ ପାଇଛନ୍ତି।

ଡକ୍ଟର ଭୁ ହାଇ କ୍ୱାନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଦୁଇ ଦେଶ ମଧ୍ୟରେ ବଢୁଥିବା ସମ୍ପର୍କକୁ ସ୍ୱାଗତ କରିଥିଲେ ଏବଂ ବ୍ୟବହାରିକ ପ୍ରୟୋଗ ଓ ସାମାଜିକ ଲାଭ ସହିତ ପ୍ରଯୁକ୍ତିବିଦ୍ୟା ଆଧାରିତ ସହଯୋଗ ବିକାଶ କରିବା ନେଇ ଭିଏତନାମ ଆଗ୍ରହୀ ବୋଲି ପ୍ରକାଶ କରିଥିଲେ।

# ଇଣ୍ଡିଆ-ଭିଏତ୍ନାମ ବିଜ୍ନେସ୍ ଫୋରମ୍

ଭିଏତନାମର ରାଷ୍ଟ୍ରପତି ତୋ ଲାମ୍ ଭାରତ ଏବଂ ଭିଏତନାମ ମିଳିତ ଭାବରେ ଆଜିର ପରିବର୍ତ୍ତିତ ପରିସ୍ଥିତିରେ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପାଇଛନ୍ତି। ମୁମ୍ବାଇରେ ଭାରତ-ଭିଏତନାମ ବ୍ୟବସାୟିକ ଫୋରମକୁ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ଲାମ୍ କହିଛନ୍ତି ଯେ ଉଭୟ ଦେଶ ଅତୀତରେ ପାରସ୍ପରିକ ସହଯୋଗ ସହିତ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି ଏବଂ ଭାରତୀୟ କମ୍ପାନୀଗୁଡ଼ିକୁ ଭିଏତନାମରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି।

୨୦୧୬ ପରଠାରୁ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସଫଳତା ହାସଲ କରିଛି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ତୋ ଲାମ୍ କହିଛନ୍ତି, ଭାରତ ଏବଂ ଭିଏତନାମ ମଧ୍ୟରେ ସହଯୋଗକୁ ଏକ ନୂତନ ସ୍ତରକୁ ନେବାର ସୁଯୋଗ ଆସିଛି। ସେ କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ସୁଯୋଗ ଆସିବ ଏବଂ ଭିଏତନାମ ଭାରତ ସହିତ ଏହି ସହଯୋଗକୁ ମଜବୁତ କରିବାକୁ ଅପେକ୍ଷା କରିଛି।

ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କହିଥିଲେ, ଭାରତ ଏବଂ ଭିଏତନାମ ଭଳି ଦେଶର ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦନ କ୍ଷେତ୍ରର ଉଦ୍ୟୋଗୀ, ନିବେଶକ ଏବଂ ବୃତ୍ତିଗତମାନେ ଏସିଆର ଭବିଷ୍ୟତକୁ ଗଢ଼ିବେ। ଶ୍ରୀ ଫଡନାଭିସ୍ କହିଥିଲେ, ଆଜିର ବିଶ୍ୱ

ଭୂରାଜନୈତିକ ଅସ୍ଥିରତା ଏବଂ ଆର୍ଥିକ ସମସ୍ୟା ମଧ୍ୟରେ ଭାରତ ଏବଂ ଭିଏତନାମ  ସ୍ଥିର ଶାସନ, ଆର୍ଥିକ ଗତିଶୀଳତା ଏବଂ ଦୀର୍ଘକାଳୀନ ରଣନୈତିକ ବ୍ୟବସ୍ଥା ସ୍ଥାପନ କରିବେ ।

## ନେପାଳ-ସିଜେ

ନେପାଳରେ, ସାମ୍ବିଧାନିକ ପରିଷଦ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ପଦ ପାଇଁ ଡକ୍ଟର ମନୋଜକୁମାର ଶର୍ମାଙ୍କ ନାମ ସୁପାରିଶ କରିଛି। ନ୍ୟାୟିକ ପରିଷଦ ଦ୍ୱାରା ପଠାଯାଇଥିବା ଛଅ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ବରିଷ୍ଠତା କ୍ରମରେ ଡକ୍ଟର ଶର୍ମା ଚତୁର୍ଥ ସ୍ଥାନରେ ଅଛନ୍ତି। ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ପୂର୍ବରୁ, ସାମ୍ବିଧାନିକ ପରିଷଦ ବରିଷ୍ଠତା ଆଧାରରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମ ସୁପାରିଶ କରୁଥିଲା। ଏଥର ସାମ୍ବିଧାନିକ ପରିଷଦ ବୈଠକରେ ବରିଷ୍ଠତା କ୍ରମ ବଦଳରେ ମୁଖ୍ୟ ବିଚାରପତି ପାଇଁ ଡକ୍ଟର ଶର୍ମାଙ୍କ ନାମ ସୁପାରିଶ କରାଯାଇଛି।

## ମିନେରାଲ୍ ବ୍ଲକ୍ ଅକସନ୍

୨୦୧୫ ମସିହାରେ ନିଲାମ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଭାରତର ଖଣିଜ କ୍ଷେତ୍ର ୧୦୧ଟି ନିଲାମ ହୋଇଥିବା  ଖଣିଜ ବ୍ଲକକୁ ସଫଳ ଭାବରେ କାର୍ଯ୍ୟକାରୀ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଖଣି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ – ଖଣିଜ ସମ୍ପଦର ନିଲାମ ଓ ଉତ୍ପାଦନ ଉପରେ ନିରନ୍ତର ଧ୍ୟାନ ଦିଆଯାଉଛି । କାର୍ଯ୍ୟକ୍ଷମ ବ୍ଲକଗୁଡ଼ିକ ଘରୋଇ ଖଣିଜ ଉତ୍ପାଦନ ବୃଦ୍ଧି କରିବା, ମୁଖ୍ୟ ଶିଳ୍ପ ପାଇଁ କଞ୍ଚାମାଲ ସୁରକ୍ଷାକୁ ସୁଦୃଢ଼ କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ନିଲାମ ହୋଇଥିବା ୧୦୧ଟି ବ୍ଲକଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ସରକାରଙ୍କ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ବର୍ଷା ପ୍ରଭାବିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୯ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ବର୍ଷା ଯୋଗୁଁ ୧୯ ଓଭର ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୧୯

ଓଭରରେ ୩ ୱିକେଟ୍ ହରାଇ ୨୦୯ରନ୍ ସ୍କୋର କରିଥିଲା । ୨୧୩ରନ୍‌ର ଡିଏଲ୍ଏସ୍ ସଂଶୋଧିତ ବିଜୟ ଲକ୍ଷ୍ୟକୁ ପିଛା କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯ ଓଭରରେ ୬ ୱିକେଟ ବିନିମୟରେ ୨୦୩ ରନ କରିବାକୁ ସକ୍ଷମ ହୋଇଥିଲା । ମିଚେଲ ମାର୍ଶଙ୍କୁ  ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଆଜିର ମ୍ୟାଚରେ, ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ  ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ ।